

# ସିଟି କଟକ

## କଠୋର ହେବ ଆବାସିକ ସୁରକ୍ଷା ବ୍ୟବସ୍ଥା

# ଭଡ଼ାଟିଆଙ୍କ ତଥ୍ୟ ପୋର୍ଟାଲରେ ଦେବେ ମାଲିକ

କଟକ, ୧୧ା୧(ସମିସ)




କଟକ ସହରରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ କମିସନରେଟ୍ ପୁଲିସ ଏବେ ଆବାସିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଠୋର କରିବାକୁ ଯାଉଛି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ସୂଚନା ଅନୁଯାୟୀ, ସହରର ପ୍ରାୟ ୬୦ ପ୍ରତିଶତ ଘର ମାଲିକ ଏ ପର୍ଯ୍ୟନ୍ତ ନିଜ ଭଡ଼ାଟିଆଙ୍କ ସମ୍ପର୍କରେ ଥାନାରେ ପଞ୍ଜୀକରଣ କରିନାହାନ୍ତି। ଏଥିସହିତ ୪୦ ପ୍ରତିଶତ ଭଡ଼ାଟିଆଙ୍କ ତଥ୍ୟ ଅନଲାଇନ୍ ପୋର୍ଟାଲରେ ଅପଡେଟ୍ ହୋଇନାହିଁ। ଏହି ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ଜାନୁଆରୀ ୩୦ ତାରିଖ ସୁଦ୍ଧା ସମସ୍ତ ଘର ମାଲିକଙ୍କୁ ସେମାନଙ୍କ ଭଡ଼ାଟିଆଙ୍କ ସବିଶେଷ ତଥ୍ୟ ସିସିଟିଏନ୍ଏସ୍ ଅନ୍ତର୍ଗତ ସିଟିଜେନ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ଅଧିକାରୀମାନେ ଏଣିକି ଘରକୁ ଘର ଯାଇ ଏହି ପଞ୍ଜୀକରଣ ପ୍ରକ୍ରିୟାକୁ ତଦାରଖ କରିବେ। ୨୦୧୪ ମସିହାରୁ ସହରରେ ଆବାସିକ ସୁରକ୍ଷା ଆଇନ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଘର ମାଲିକଙ୍କ ସହଯୋଗ ଅଭାବରୁ ଏହା ସଠିକ୍ ଭାବେ କାର୍ଯ୍ୟ କରୁନାହିଁ। ନିୟମ ଅନୁଯାୟୀ, ଘର ଭଡ଼ା ଦେବା ସମୟରେ ଭଡ଼ାଟିଆଙ୍କ ଭୋଟର୍ ପରିଚୟପତ୍ର, ପରିବାର ସଦସ୍ୟଙ୍କ ସଂଖ୍ୟା

- ଜାନୁଆରୀ ୩୦ ସୁଦ୍ଧା ତଥ୍ୟ ଦେବାକୁ ଡିସିପିଙ୍କ ନିର୍ଦ୍ଦେଶ
- ୬୦ ପ୍ରତିଶତ ଘର ମାଲିକ କରିନାହାନ୍ତି ପଞ୍ଜୀକରଣ
- ୪୦ ପ୍ରତିଶତ ଭଡ଼ାଟିଆଙ୍କ ତଥ୍ୟ ହୋଇନି ଅପଡେଟ୍

ଏବଂ ଘରଟି ବାସସ୍ଥାନ ନା ବ୍ୟବସାୟିକ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ, ସେ ନେଇ ଥାନାକୁ ଅବଗତ କରାଇବା ବାଧ୍ୟତାମୂଳକ। ସହରରେ ଘଟୁଥିବା ଚୋରି ଓ ଡକାୟତି ମାମଲାଗୁଡ଼ିକର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବହୁ ଅପରାଧୀ ବିଭିନ୍ନ ସାହିରେ ଭଡ଼ା ନେଇ ରହୁଛନ୍ତି ଏବଂ ପୁଲିସ ପାଖରେ ସେମାନଙ୍କର କୌଣସି ପୂର୍ବ ତଥ୍ୟ ରହୁନାହିଁ। ୨୦୨୪ ତୁଳନାରେ ୨୦୨୫ରେ ମାମଲା ସଂଖ୍ୟା ସାମାନ୍ୟ କମିଥିଲେ ମଧ୍ୟ ୫୦ ପ୍ରତିଶତରୁ ଅଧିକ ଚୋରି ମାମଲା ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ତଦନ୍ତ ରିପୋର୍ଟ ଅନୁଯାୟୀ, ସହର ବାହାରୁ ଆସୁଥିବା ଅପରାଧୀମାନେ ଭଡ଼ା ସୂତ୍ରରେ ରହି ଅପରାଧ ଘଟାଉଛନ୍ତି। ନିଜର ସୁରକ୍ଷା ସହିତ ସହରବାସୀଙ୍କ ଧନଜୀବନ ରକ୍ଷା ପାଇଁ ଘର ମାଲିକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସିଟିଜେନ୍ ପୋର୍ଟାଲରେ ତଥ୍ୟ ଅପଡେଟ୍ କରିବାକୁ ଡିସିପି ଅନୁରୋଧ କରିଛନ୍ତି। ଜାନୁଆରୀ ପହିଲାରୁ ସମସ୍ତ ଥାନାଧିକାରୀଙ୍କୁ ଏହି କାର୍ଯ୍ୟକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତଥ୍ୟ ପ୍ରଦାନ ନ କଲେ ଘର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ମଧ୍ୟ ରହିଛି।

## ନୂତନ ଥାନାଧିକାରୀ ସମ୍ବର୍ଦ୍ଧିତ



**କଟକ, ୧୧ା୧(ସମିସ):** ଅଗ୍ରଣୀ ଅନୁଷ୍ଠାନ ମା ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ, ପାଟରାସାହିର କର୍ମକର୍ତ୍ତାମାନେ ମାଲଗୋଦାମ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କୁ ସାକ୍ଷାତ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଏ ଅଞ୍ଚଳରେ ଶାନ୍ତିଶୃଙ୍ଖଳା କିପରି ବଜାୟ ରହିବ ସେହି ବିଷୟରେ ଆଲୋଚନା କରିଥିଲେ। ଥାନା ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରି ବରିଷ୍ଠ ନାଗରିକମାନଙ୍କର ସୁବିଧା ଅସୁବିଧା ଉପରେ ଧ୍ୟାନ ଦେବେ ବୋଲି ନିର୍ଭୟ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ହରିନାରାୟଣ ବେବର୍ତ୍ତା, ପ୍ରିୟରଞ୍ଜନ ମହାପାତ୍ର, ଅକ୍ଷୟ ସାହୁ ଓ ପ୍ରଫୁଲ ଲେଙ୍କା ଯୋଗଦେଇଥିଲେ।

## ରୋଭର୍ସ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



**କଟକ, ୧୧ା୧(ସମିସ):** କଟକର ସର୍ବପୁରାତନ କ୍ଲବ ଭାବରେ ବିବେଚିତ ରୋଭର୍ସ ଆଥଲେଟିକ୍ କ୍ଲବ ତରଫରୁ ବାରବାଟି ଷ୍ଟାଡିୟମ୍ ଠାରେ କ୍ଲବର ପ୍ରତିଷ୍ଠା ଦିବସରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଅଛି। ବହୁ ଅଭିଜ୍ଞ ଡାକ୍ତରମାନେ ମଧୁମେହ, ଚର୍ମ, ଚକ୍ଷୁ, ମେଡିସିନ ପରୀକ୍ଷା କରିବା ସହିତ ସେମାନଙ୍କୁ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଲୋକମାନଙ୍କର ବିଭିନ୍ନ ପ୍ରକାରର ରୋଗର ପରୀକ୍ଷା ପରେ ସେମାନଙ୍କୁ ମାଗଣାରେ ମେଡିସିନ ପ୍ରଦାନ କରାଯାଇଛି। କ୍ଲବର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ କ୍ରୀଡା ସଂଗଠକ ଶ୍ରଦ୍ଧାନନ୍ଦ ଦାସ ଆନୁଷ୍ଠାନିକ ଭାବରେ ସ୍ୱାସ୍ଥ୍ୟ ସେବା ଶିବିରକୁ ଉଦଘାଟନ କରିଥିଲେ। କ୍ଲବର ଉପସଭାପତି ଖିତିଶ ଚନ୍ଦ୍ର ପାତ୍ର, ସୌଭାଗ୍ୟ ଦାସ, ସୁରଜିତ ସିଂ, ଦେବାଶିଷ ଦାସ, ଦେବଶ୍ରିତା ଦାସ, ପ୍ରିୟଙ୍କା ସାହୁ ସହିତ ଅନ୍ୟାନ୍ୟ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କ୍ଲବର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ସ୍ୱାସ୍ଥ୍ୟସେବା ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। ଦୀପକ୍ ଚୌଧୁରୀ, ଯତୀନ ଦତ୍ତ, ଅଶ୍ୱିନୀ ହାଲଦାର୍ ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କର ସ୍ୱାସ୍ଥ୍ୟ ସେବା ପରୀକ୍ଷା କରାଯାଇଥିଲା।

## ନିଗମାନନ୍ଦଙ୍କ କୃତିତ୍ୱ



**କଟକ, ୧୧ା୧(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପଠାଣୀ ସାମନ୍ତ ମେଧାବୃତ୍ତି (ନବମଶ୍ରେଣୀ) ପରୀକ୍ଷାରେ ନିଗମାନନ୍ଦ ରଥ କଟକ ମ୍ୟୁନିସିପାଲିଟିରେ ଟପ୍ପର ହୋଇଛନ୍ତି। ମୋଟ ୧୫୦ ନମ୍ବରରୁ ୧୨୫.୫ ମାର୍କ ରଖି ସେ ଏହି ସଫଳତା ପାଇଛନ୍ତି। ଏଥି ସହିତ କଟକ ଜିଲ୍ଲାରେ ନିଗମାନନ୍ଦ ୩ୟ ସ୍ଥାନ ଅକ୍ତିଆର କରିଛନ୍ତି। ଶଙ୍କରପୁର ବାରିକସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ନିଗମାନନ୍ଦଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି।

### ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ

## ସବୁ ସାଧନର ମୂଳ ସହାୟକ ହେଉଛନ୍ତି ଗୁରୁ

**କଟକ, ୧୧ା୧(ସମିସ):** କଟକ ପ୍ରଜ୍ଞାନ ମିଶନ ପକ୍ଷରୁ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ଖେଳ ପଡ଼ିଆରେ ତ୍ରିଦିବସୀୟ ଗୀତା ଜ୍ଞାନ ଯଜ୍ଞ ଉଦଯାପିତ ହୋଇଛି। ଅନ୍ତିମ ଦିବସରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଗୀତାର ଚତୁର୍ଥ ଅଧ୍ୟାୟ ଓ ଗୁରୁ ପରମ୍ପରା ଉପରେ ପ୍ରବଚନ ଦେଇଥିଲେ। ସ୍ୱାର୍ଥ, ଅହଙ୍କାର,




ଆସକ୍ତିକୁ ଆହୁତି ଦେଲେ ସଫଳତା ମିଳେ ବୋଲି ପରମହଂସ କହିଥିଲେ। ପ୍ରାରମ୍ଭରେ ଏ. କାମେଶ୍ୱର ରାଓ ଅନ୍ୟ କଳାକାର ଭଜନ ପରିବେଷଣ କରିଥିଲେ। ସ୍ୱାମୀ ବିଜ୍ଞାନାନନ୍ଦ ଗିରି ସୂଚନା ଦେଇଥିଲେ। ପ୍ରଜ୍ଞାନ ମିଶନର ସନ୍ୟାସୀ ବ୍ରହ୍ମଚାରୀବୃନ୍ଦ ଗୀତା ଧ୍ୟାନମ୍ ଆବୃତ୍ତି କରିଥିଲେ। ସ୍ୱାମୀ ଅନିର୍ବାଣାନନ୍ଦ ଗିରି ଆଲୋଚ୍ୟ ବିଷୟ ଉପରେ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ସ୍ୱାମୀ ସମର୍ପଣାନନ୍ଦ, ସ୍ୱାମୀ ସୁଦ୍ଧାନନ୍ଦ ଗିରି, ସ୍ୱାମୀ ପରିପୂର୍ଣ୍ଣାନନ୍ଦ, ସ୍ୱାମୀ ନିତ୍ୟପ୍ରେମାନନ୍ଦ, ସ୍ୱାମୀ ବିଜ୍ଞାନାନନ୍ଦ, ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ, ସ୍ୱାମୀ ଅନିର୍ବାର୍ଣ୍ଣାନନ୍ଦ, ସ୍ୱାମୀ ଆନନ୍ଦାନନ୍ଦ, ସ୍ୱାମୀ ପୂଜାନନ୍ଦ, ସ୍ୱାମୀ ଅଖଣ୍ଡାନନ୍ଦ ପ୍ରମୁଖ ସାଧୁସନ୍ଥଙ୍କ ସମେତ ସ୍ୱାମୀ ନାରାୟଣା, ବରିଷ୍ଠ ଆଇନଜୀବୀ ଦେବୀପ୍ରସାଦ ଧଳ, ଆଇନଜୀବୀ ବିଭୂତି ଭୂଷଣ ଚୌଧୁରୀ, ଅରବିନ୍ଦ ବାବା, ତାପସ ବାବା, ପ୍ରଦୀପ ବାବା, ଶରତ ବାବା, ବିଜୟ ବାବା, ଶୁଭ୍ରାଂଶୁ ବାବା, ଶ୍ରୀକାନ୍ତ ବାବା, ଅଶୋକ ବାବା, ଜ୍ୟୋତି ଭୂଷଣ ବାବା, ଅରୁଣ ବାବା, ରମାକାନ୍ତ ବାବା, ଶରତ ବାବା, ରାଜକିଶୋର ବାବା ପ୍ରମୁଖଙ୍କ ସମେତ ସମସ୍ତ କ୍ରିୟା ସାଧକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସକାଳେ ଚିଦାନନ୍ଦ ଘାଟସ୍ଥିତ ଦିବ୍ୟଜୀବନ ସଂଘ କଟକ ଶାଖା ଶିବାନନ୍ଦ ଆଶ୍ରମ ପରିସରରେ ଗୁରୁଜୀ ଆଶ୍ରିବଚନ ପ୍ରଦାନ ଜରିଥିଲେ। ସାତ ଜଣ ସାଧକ ଦମ୍ପତି ଗୀତା ମା'ଙ୍କ ପୂର୍ଣ୍ଣାହୁତିରେ ଆରତୀ ପ୍ରଦାନ କରିଥିଲେ।

## 'ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ'




**କଟକ, ୧୧ା୧(ସମିସ):** ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସରକାରଙ୍କ ବିରୋଧରେ ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ରଣହୁଙ୍କାର ଦିଆଯାଇଛି। ଗତ ବର୍ଷ ମାର୍ଚ୍ଚ ୨୬ ତାରିଖରେ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ଅନୁଷ୍ଠିତ ବିଶାଳ ଆନ୍ଦୋଳନ ସମୟରେ ବର୍ତ୍ତମାନର ସରକାରଙ୍କ ଦୁଇଜଣ ପ୍ରମୁଖ ବିଧାୟକ କର୍ମଚାରୀଙ୍କ ତିନି ଦଫା ଦାବିକୁ ମନ୍ତ୍ରୀସ୍ତରୀୟ ବୈଠକ ମାଧ୍ୟମରେ ଅନୁମୋଦନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ସରକାର ନିଜ କଥା ରଖିବାରେ ସଫଳ ହୋଇନାହାନ୍ତି। ମହାସଂଘର ଅଭିଯୋଗ ଅନୁଯାୟୀ, ସରକାର କର୍ମଚାରୀଙ୍କ ସମସ୍ୟା ସମାଧାନ କରିବା ବଦଳରେ କେବଳ ମିଛ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଠକି ଚାଲିଛନ୍ତି। ଅନ୍ୟପଟେ କଟକ ଜିଲ୍ଲା ସମେତ ସାରା ରାଜ୍ୟରେ ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ସରକାର କର୍ମଚାରୀଙ୍କ ଦାବି ପୂରଣ କରିବା ପରିବର୍ତ୍ତେ

**ଫେବୃଆରୀ ୨ରେ ରାଜଧାନୀରେ ଘେରିବ ଆଉଟସୋର୍ସିଂ କର୍ମଚାରୀ ମହାସଂଘ**

ଶତାଧିକ କର୍ମଚାରୀଙ୍କୁ ଛଟେଇ କରୁଥିବା ଏବଂ ଦୀର୍ଘ ମାସ ଧରି ସେମାନଙ୍କୁ ଦରମା ପ୍ରଦାନ କରୁ ନ ଥିବା ନେଇ ମହାସଂଘ ଗୁରୁତର ଅଭିଯୋଗ କରିଛି। ଏଭଳି ପରିସ୍ଥିତିରେ କର୍ମଚାରୀମାନେ ନାନାଦି ଆର୍ଥିକ ଓ ମାନସିକ ଚାପ ମଧ୍ୟରେ ଗତି କରୁଛନ୍ତି। ସରକାରଙ୍କ ଏହି କର୍ମଚାରୀ ବିରୋଧୀ ନୀତି ଯୋଗୁଁ ସମଗ୍ର ସଂଘ ମଧ୍ୟରେ ତୀବ୍ର କ୍ରୋଧ ସୃଷ୍ଟି ହୋଇଛି। ଯଦି ସରକାର ତୁରନ୍ତ ଏହି କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା କରି କୌଣସି ଠୋସ୍ ନିଷ୍ପତ୍ତି ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଏକ ମହାଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଛି। ଏହିକ୍ରମରେ ଆସନ୍ତା ଫେବୃଆରୀ ୨ ତାରିଖରେ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ସରକାରଙ୍କୁ ଘେରଉ କରାଯିବା ସହ ଶକ୍ତି ପ୍ରଦର୍ଶନ କରାଯିବ। ସରକାର ନିଜ ଦେଇଥିବା କଥା ରକ୍ଷା ନ କରିବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

### ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା-ଜେଜେମାଆ ସମ୍ମିଳନୀ

## ଯୌଥ ପରିବାରର ମହତ୍ତ୍ୱ ଉପରେ ଗୁରୁତ୍ୱ

**କଟକ, ୧୧ା୧(ସମିସ):** ତୁଳସୀପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଦିନ ଏକ ସ୍ୱତନ୍ତ୍ର 'ଜେଜେ ବାପା ଓ ଜେଜେ ମାଆ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଫୁଲ୍ଲ କୁମାର ଦାଶ ଏହାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତ ରଞ୍ଜନ ଭୁକ୍ତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଏଭଳି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଜେଜେ ବାପା ଓ ଜେଜେ ମାଆମାନେ। ସେମାନେ ନିଜ ନିଜର ଜୀବନର ଅନୁଭୂତି ବାଣ୍ଟିବା ସହିତ ବର୍ତ୍ତମାନର ସମାଜରେ ଯୌଥ ପରିବାରର ମହତ୍ତ୍ୱ କେତେ ଅଧିକ, ସେ ବିଷୟରେ ଆଲୋକପାତ କରିଥିଲେ। ଉଚ୍ଚ ମାଧ୍ୟମିକ ବିଭାଗର ଯୁଗ୍ମ ସମ୍ପାଦକ ଦିବାକର ମିଶ୍ର ଏହି ଅବସରରେ ଉପସ୍ଥିତ ରହି ବୟୋଜ୍ୟେଷ୍ଠଙ୍କ ଅନୁଭବ ଶିଶୁର ବ୍ୟକ୍ତିତ୍ୱ ଗଠନରେ କିଭଳି ସହାୟକ ହୁଏ,



ସେ ବିଷୟରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ଆଚାର୍ଯ୍ୟ ଅଜୟ ଜଟ ଧନ୍ୟବାଦ ଦେଇଥିଲେ।

## ମୋକିମ୍ ଫାଉଣ୍ଡେସନ ମେଗା ସ୍ପୋର୍ଟସ କାର୍ଣ୍ଣିଭାଲ ଉଦ୍‌ଯାପିତ



**କଟକ, ୧୧ା୧(ସମିସ):** କଟକ ସହରର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୯ ଦିନିଆ 'ମେଗା ସ୍ପୋର୍ଟସ କାର୍ଣ୍ଣିଭାଲ' ଆଜି ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ମୋକିମ ଫାଉଣ୍ଡେସନ

**ବ୍ରଦର୍ସ ଇଲେଭେନ୍ ଚାମ୍ପିଅନ**

ପ୍ରିମିୟର ଲିଗ୍ କ୍ରିକେଟର ଫାଇନାଲ ମ୍ୟାଚରେ ବ୍ରଦର୍ଶ ଇଲେଭେନ ଶକ୍ତିଶାଳୀ ଅରୁଣଦୋୟ କ୍ଲବକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅରୁଣଦୋୟ କ୍ଲବ୍ ଉପବିଜେତା ଭାବେ ସନ୍ତୁଷ୍ଟ ହୋଇଛି। ଏହି ବୃହତ କ୍ରୀଡ଼ା ମହୋତ୍ସବରେ କେବଳ କ୍ରିକେଟ ନୁହେଁ, ବଙ୍ଗ ଟାଏକୋଣ୍ଡୋ, ସ୍କାଏ ମାର୍ଶାଲ ଆର୍ଟସ, ଚେସ୍ ଏବଂ ଯୋଗ ଭଳି ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା, ଯାହା ଆଜି ସଫଳତାର ସହ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସେ ସହରର ସମସ୍ତ ଯୁବପିଢ଼ି ଓ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ଉଦ୍ୟୋଗପତି ଶେଖ ରାହୁଲ ହକ ଉପସ୍ଥିତ ରହି ଖେଳାଳିମାନଙ୍କ କ୍ରୀଡ଼ା ନୈପୁଣ୍ୟକୁ ପ୍ରଶଂସା କରିଥିଲେ। ଏହି ମେଗା କାର୍ଣ୍ଣିଭାଲର ଭବ୍ୟ ପୁରସ୍କାର ବିତରଣ ଉତ୍ସବ ଆସନ୍ତା ୧୪ତାରିଖରେ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ବିଶେଷ ଆକର୍ଷଣ ଭାବେ ବଲିଉଡର ଜଣାଶୁଣା ହାସ୍ୟ ଅଭିନେତା ମୁବୀନ ସୌଦାଗର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ଚଳଚ୍ଚିତ୍ର ଜଗତ'ର ସୁବର୍ଣ୍ଣ ଜୟନ୍ତୀ

କଟକ, ୧୧ା୧(ସମିସ)





ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଉପଦେଷ୍ଟା ପ୍ରଫେସର ଶକ୍ତି ପ୍ରସାଦ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପଦ୍ମଶ୍ରୀ ଶିଶିର ମିଶ୍ର ଏବଂ ବରିଷ୍ଠ ଅଭିନେତା ପ୍ରଶାନ୍ତ ନନ୍ଦ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବଲିଉଡର ବର୍ଷୀୟାନ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଚଳଚ୍ଚିତ୍ର ଜଗତ ଆଗକୁ ବଢୁ। ଲୋକମାନେ ଏହି

**ଯୋଗଦେଲେ ବର୍ଷୀୟାନ ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ**

**ଦିଲ୍ଲୀପ, ପ୍ରଦ୍ୟୁମ୍ନ, ବିକାଶ, ଶ୍ରୀତମ ସମ୍ମାନିତ**

ପତ୍ରିକା ପ୍ରତି ଭଲପାଇବା ଦେଉଥାନ୍ତୁ। ଯଦି ଭବିଷ୍ୟତରେ ଓଡ଼ିଆ ସିନେମାରେ ମୋତେ ସୁଯୋଗ ମିଳେ ତାହେଲେ ମୁଁ ନିଶ୍ଚିତ ରୂପେ ଅଭିନୟ କରିବି ବୋଲି ସେ କହିଥିଲେ।

ଉତ୍ସବରେ 'ଚଳଚ୍ଚିତ୍ର ଜଗତ' ପକ୍ଷରୁ ବରିଷ୍ଠ ସିନେମାଟୋଗ୍ରାଫର ଦିଲ୍ଲୀପ ରାୟଙ୍କୁ 'ନିତାଇ ପାଳିତ ସମ୍ମାନ', ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଭୀମ ସିଂ ସ୍ମାରକୀ ସମ୍ମାନ', କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାଶଙ୍କୁ 'ସତ୍ୟନାରାୟଣ ଅଗ୍ରୱାଲ ସ୍ମାରକୀ ସମ୍ମାନ' ଓ ଅଭିନେତା ଶ୍ରୀତମ ଦାସଙ୍କୁ 'ମିହିର ଦାସ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ୨୦୨୫ ମସିହାରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବିଭିନ୍ନ ଚଳଚ୍ଚିତ୍ର ଓ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ ଧାରାବାହିକ ଗୁଡ଼ିକରେ ଅଭିନୟ କରିଥିବା ୩୦ଟି ବିଭାଗରୁ କୃତି କଳାକାରମାନଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା। ସେହିପରି ଚିକିତ୍ସା, ଶିକ୍ଷା, ବିଜ୍ଞାନ, ସାହିତ୍ୟ, କୃଷି, ସଙ୍ଗୀତ, ବୈଷୟିକ ଜ୍ଞାନକୌଶଳ, କଳା ସ୍ଥାପତ୍ୟ ଆଦି ବିଭିନ୍ନ ବିଭାଗରୁ ୩୫ ଜଣ ପ୍ରତିଭାଧାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଜୟ ରାଉତରାୟ ଓ ବନସ୍ମିତା ରାଉତରାୟ ସମ୍ମାନ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶାନ୍ତିଲତା ରାଉତ, ବିନୋଦ ବିଶ୍ୱରଞ୍ଜନ ରାଉତ, ଶୁଚିସ୍ମିତା ରାଉତରାୟ, ସ୍ୱୟଂସୌରଭ ରାଉତରାୟ ଓ ସଞ୍ଜନା ରାଉତ ପ୍ରମୁଖ ସାହାଯ୍ୟ କରିଛନ୍ତି। ଅନ୍ୟପକ୍ଷରେ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଇଂ ସ୍ଥିତପ୍ରଜ୍ଞ ରାଉତଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଟି. ସୌରୀ, ସୌରଭ ଭରଦ୍ୱାଜ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାବୁ ଡ୍ୟାନ୍ସ ଗ୍ରୁପ୍ ଓ ସିର୍ଦ୍ଧାଥ ଟିଭି ଧାରାବାହିକର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଗୀତିକାର ବିଜୟ ମଲ୍ଲ ଓ ଲୋରିଆ ମହାନ୍ତି ମଞ୍ଚ ପରିଚାଳନା କରିଥିବା କରିଥିଲେ। ସହସମ୍ପାଦକ ସ୍ଥିତପ୍ରଜ୍ଞ ରାଉତ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସହସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ସମ୍ପାଦକ ଆଦିକନ୍ଦ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବିଜୟ ରାଉତରାୟ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୦.୧୭ • ପାଉଣ୍ଡ ୧୨୦.୩୮
- ୟୁରୋ ୧୦୪.୭୭ • ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୨୮,୭୫୦ (ନୂଆଦିଲ୍ଲୀ)
- ରୁପା : ୨,୬୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୫୭୬.୦୦
- ନିଫ୍ଟି ୨୫,୬୮୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆମେରିକାରୁ ପାଣ୍ଠି ପ୍ରତ୍ୟାହାର କରୁଛି ଭାରତ

# ବିକିଦେଲା ୫୦ ବିଲିୟନ୍ ଡଲାର ଟ୍ରେଜେରୀ ବଣ୍ଡ



**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ନିକଟରେ ଦେଇଥିବା ୫୦୦% ଟାରିଫ୍ ଧମକ ଭାରତକୁ ଯେତିକି ଟେନ୍‌ସନ୍ ଦେଉଛି, ଭାରତ ଆଉ ଏବେ ଗ୍ରହଣ କରାଯାଉଥିବା ପଦକ୍ଷେପ ମଧ୍ୟ ଆମେରିକାକୁ ବିଚଳିତ କରିବାକୁ ଯାଉଛି। ଦେଶର ବ୍ୟବସାୟ ଏବଂ ଶିଳ୍ପ କ୍ଷେତ୍ରରେ ଭୟର ବାତାବରଣ ସୃଷ୍ଟି କରିଛି। ଏବେ ଆମେରିକାରୁ ନିଜର ପାଣ୍ଠି ପ୍ରତ୍ୟାହାର କରୁଛି ଭାରତ। କାରଣ ଇତିମଧ୍ୟରେ ୟୁଏସ୍ ଟ୍ରେଜେରୀ ବଣ୍ଡରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୧% ଅର୍ଥ ଉଠାଇସାରିଲାଣି। ବିକଶିତ ଦେଶଗୁଡ଼ିକରେ ବଢୁଥିବା ଆର୍ଥିକ ଚାପ ବିଶ୍ୱବ୍ୟାପୀ ବଣ୍ଡ ଇଲ୍ଡ ବୃଦ୍ଧି କରିଛି, ଯାହା ଆମେରିକାର ଟ୍ରେଜେରୀ ବଣ୍ଡ ମୂଲ୍ୟାଙ୍କନରେ କ୍ଷତି ହେବାର ଆଶଙ୍କା ବୃଦ୍ଧି କରିଛି। ଏହି ବିପଦକୁ ସୀମିତ କରିବା ପାଇଁ ଆର୍‌ବିଆଇ ସମେତ ବିଶ୍ୱର ଅନ୍ୟ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସେମାନଙ୍କର କିଛି ଭଣ୍ଡାରକୁ ଆମେରିକୀୟ ଟ୍ରେଜେରୀରୁ ସୁନା ଆଡ଼କୁ ସ୍ଥାନାନ୍ତର କରୁଛନ୍ତି। ଏମିତିକି କେବଳ ଭାରତ କାହିଁକି ଚୀନ୍, ବ୍ରାଜିଲ୍, ସାଉଦି ଆରବ ମଧ୍ୟ ଆମେରିକାରୁ ନିଜର ପାଣ୍ଠି ଉଠାଇନେଉଛନ୍ତି। ଏପରିସ୍ଥଳେ ଭାରତ ସୁନା ବଜାରରେ ବମ୍ପର ନିବେଶ କରିବାରେ ଲାଗିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ସାମ୍ପ୍ରତିକ ମାସଗୁଡ଼ିକରେ ଆମେରିକୀୟ ଟ୍ରେଜେରୀ ବଣ୍ଡରେ ଏହାର ଅଂଶ ହ୍ରାସ କରିଛି। ଯାହାଫଳରେ ଆମେରିକାର ଟ୍ରେଜେରୀ ବଣ୍ଡରେ ଭାରତୀୟ ରିଜର୍ଭ ବ୍ୟାଙ୍କର ନିବେଶ ୨୦୦ ବିଲିୟନ ଡଲାର ତଳକୁ ଖସିଯାଇଛି। ଆମେରିକୀୟ ଟ୍ରେଜେରୀ ବିଭାଗର ତଥ୍ୟ ଅନୁଯାୟୀ, ଅକ୍ଟୋବର ୨୦୨୫ ଶେଷରେ ଆରବିଆଇ ୧୯୦ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ବଣ୍ଡ ରଖିଥିଲା, ଯାହା ଏକ ବର୍ଷ ପୂର୍ବେ ୨୪୧.୪ ବିଲିୟନ ଡଲାର ଥିଲା। ଏହା ଫଳରେ ଆମେରିକାର ଟ୍ରେଜେରୀ ବଣ୍ଡରେ ଭାରତର ନିବେଶ ପ୍ରାୟ ୫୦.୭ ବିଲିୟନ ଡଲାର ହ୍ରାସ ଘଟିଛି। ଏହି ପରିବର୍ତ୍ତନ ଏପରି ସମୟରେ ଆସିଛି ଯେତେବେଳେ ୧୦ ବର୍ଷର ଆମେରିକୀୟ ଟ୍ରେଜେରୀ ବଣ୍ଡ ଉପରେ ଲାଭ ୪% ରୁ ୪.୮% କୁ ବୃଦ୍ଧି ପାଇଛି।

**ଆର୍‌ବିଆଇ ଉଠାଇନେଇଛି ୨୧ ପ୍ରତିଶତ ଅର୍ଥ**

**ଚୀନ୍, ବ୍ରାଜିଲ୍, ସାଉଦି ଆରବ ମଧ୍ୟ ନିଜର ପାଣ୍ଠି ଉଠାଇନେଉଛନ୍ତି**

**ସୁନା ବଜାରରେ ଭାରତ କରୁଛି ବମ୍ପର ନିବେଶ**

ଏହି ସମୟରେ, ଆରବିଆଇ ସୁନା କ୍ରୟ ପାଇଁ ଏକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ବର୍ତ୍ତମାନ ଭାରତର ସୁନା ଭଣ୍ଡାର ପ୍ରାୟ ୮୮୦.୧୮ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ଗତ ବର୍ଷର ୯.୩% ତୁଳନାରେ ଏବେ ସୁନା ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରର ୧୩.୬% ରେ ପହଞ୍ଚିଛି। ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୬୮୭ ବିଲିୟନ ଡଲାର ରହିଛି। ଏହି ଧାରା କେବଳ ଭାରତ ପର୍ଯ୍ୟନ୍ତ ସୀମିତ ନୁହେଁ। ଚୀନ୍, ବ୍ରାଜିଲ୍ ଏବଂ ସାଉଦି ଆରବ ଭଳି ଦେଶ ମଧ୍ୟ ସାମ୍ପ୍ରତିକ ତ୍ରୈମାସିକରେ ସେମାନଙ୍କର ସୁନା ଭଣ୍ଡାର ବୃଦ୍ଧି କରୁଛନ୍ତି, ଯାହାକୁ ସମ୍ଭାବ୍ୟ ଡଲାର ଅସ୍ଥିରତା ଏବଂ ଆମେରିକାର ବୃଦ୍ଧି ପାଉଥିବା ଋଣ ଏବଂ ସୁଧ ବୋଝ ବିରୁଦ୍ଧରେ ଏକ ହେଜ୍ ଭାବରେ ଦେଖାଯାଉଛି। ଏହି ସମୟରେ, ୟୁକେ, ବେଲଜିୟମ, ଜାପାନ, କାନାଡା ଏବଂ ୟୁଏଇ ଭଳି ଦେଶଗୁଡ଼ିକ ଆମେରିକାର ଟ୍ରେଜେରୀ ବଣ୍ଡରେ ସେମାନଙ୍କର ଭଣ୍ଡାର ବୃଦ୍ଧି କରିଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ ଏହାର ବୈଦେଶିକ ମୁଦ୍ରା ପୋର୍ଟଫୋଲିଓକୁ ସନ୍ତୁଳିତ କରିବା ଏବଂ ବିଶ୍ୱ ବିପଦ ମଧ୍ୟରେ ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ରଣନୀତିର ଅଂଶ।

# ଇନ୍‌ଷ୍ଟାଗ୍ରାମ୍‌ରେ ୧.୭୫ କୋଟି ୟୁଜରଙ୍କ ଡାଟା ପ୍ରଘଟ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମର ୧୭.୫ ନିୟୁତରୁ ଅଧିକ ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ଲିକ୍ ହୋଇଛି। ଏହି ସୂଚନା ସାଇବର ଅପରାଧୀଙ୍କ ହାତରେ ଲାଗିଛି। ଆଣ୍ଟିଭାଇରସ୍ ସଫ୍ଟୱେର୍ ଫାର୍ମ ମାଲୱେରବାଇଟ୍ସର ଏକ ରିପୋର୍ଟ ଅନୁଯାୟୀ, ଲିକ୍ ହୋଇଥିବା ତଥ୍ୟରେ ୟୁଜରନେମ୍, ଘର ଠିକଣା, ଫୋନ୍ ନମ୍ବର ଏବଂ ଇମେଲ୍ ଠିକଣା ଭଳି ଜିନିଷ ଅନ୍ତର୍ଭୁକ୍ତ। କମ୍ପାନୀ କହିଛି ଯେ ଏହି ତଥ୍ୟ ଡାର୍କ ୱେବରେ ବିକ୍ରି ହେଉଛି ଏବଂ ଫିସିଂ କିମ୍ବା ଆକାଉଣ୍ଟ ହ୍ୟାକିଂର ବିପଦ ବୃଦ୍ଧି କରିପାରେ। ମାଲୱେରବାଇଟ୍ସ ଏହାର ଗ୍ରାହକମାନଙ୍କୁ ଏକ ଇ-ମେଲ୍ ମାଧ୍ୟମରେ ଜଣାଇଛି ଯେ ଲିକ୍ ଏକ ନିୟମିତ ଡାର୍କ ୱେବ ସ୍କାନ ସମୟରେ ଚିହ୍ନଟ ହୋଇଥିଲା। ଏହା ୨୦୨୪ରେ ଇନଷ୍ଟାଗ୍ରାମର ଏପିଆଇ (ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍, ଯାହା ଆପ୍ସକୁ ପରସ୍ପର ସହିତ ସଂଯୋଗ କରେ) ସହିତ ଜଡିତ। କମ୍ପାନୀ କହିଛି ଯେ ଏହି ତଥ୍ୟ ସାଇବର ଅପରାଧୀମାନେ ବ୍ୟବହାରକାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର କରିପାରିବେ। ଷ୍ଟାଟିଷ୍ଟା ଅନୁଯାୟୀ, ଭାରତରେ ୨୦୨୫ ଅକ୍ଟୋବର ସୁଦ୍ଧା ସର୍ବାଧିକ ସଂଖ୍ୟକ ଇନଷ୍ଟାଗ୍ରାମ ଉପଭୋକ୍ତା ରହିବେ, ଯାହାର ସଂଖ୍ୟା ୪୮୦ ନିୟୁତ ହେବ। ଫେସବୁକ୍ ଏବଂ ହ୍ୱାଟ୍ସଆପ୍ ମଧ୍ୟ ଏଠାରେ ୫୦୦ ନିୟୁତରୁ ଅଧିକ ଉପଭୋକ୍ତା ଅଛନ୍ତି, ଯାହା ଏହାକୁ ମେଟାର ସବୁଠାରୁ ବଡ଼ ବଜାର କରିଥାଏ। ଲିକ୍ ହୋଇଥିବା ତଥ୍ୟରେ ଭାରତୀୟ ଉପଭୋକ୍ତାମାନଙ୍କ ବିଷୟରେ ସୂଚନା ମଧ୍ୟ ଥାଇପାରେ, ଯାହା ଭାରତୀୟ ଉପଭୋକ୍ତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ।

ଏହି ଲିକ୍ କେବଳ ଇନଷ୍ଟାଗ୍ରାମ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ହ୍ୟାକର୍ସ ଲିକ୍ ହୋଇଥିବା ପ୍ରମାଣପତ୍ର (ଲଗଇନ୍ ବିବରଣୀ) ବ୍ୟବହାର କରିପାରନ୍ତି।

**ଡାର୍କୱେବ୍‌ରେ ବିକ୍ରି ହେଉଛି ଫୋନ୍ ନମ୍ବର-ଇମେଲ୍**

**ଭାରତରୁ ରହିଛନ୍ତି ସବୁଠୁ ଅଧିକ ୟୁଜର**

# ନିୟୁ ଟାଟା ସିଏରା ବଜାରରେ




**ଭୁବନେଶ୍ୱର,୧୧।୧(ସମିସ):** ତୃପ୍ତି ମୋଟର୍ସ ଏବଂ ଟାଟା ମୋଟର୍ସ ଅନୁକୂଲ୍ୟରେ ବରମୁଣ୍ଡା ସ୍ଥିତ ଶୋ' ରୁମ୍‌ରେ ନୂଆ ନିୟୁ ଟାଟା ସିଏରାର ବଜାର ପ୍ରବେଶ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁନିଅନ୍ ବ୍ୟାଙ୍କର ଚିଫ୍ ମ୍ୟାନେଜର ହରେକୃଷ୍ଣ ଦାସ୍ ଏବଂ ପ୍ରଶାନ୍ତ କିଶୋର ରାୟ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ତୃପ୍ତି ମୋଟର୍ସର ଏମ୍‌ଡି ବିମଳେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଟାଟା ମୋଟର୍ସର ଆର୍‌ଏମ୍ ଏମ୍.ଡି. ସୋହେବ୍ ନୂଆ ଟାଟା ସିଏରାର ବୈଶିଷ୍ଟ୍ୟ, ଇଞ୍ଜିନ ଜ୍ଞାନକୌଶଳ, ଡିଜାଇନ୍ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ବିକ୍ରି ମୁଖ୍ୟ ବିକାଶ ପ୍ରଧାନ, ଟିଏସ୍‌ଏମ୍ ମନୋରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାରତ ମସଲା ପକ୍ଷରୁ ସର୍ବଭାରତୀୟ ବିକ୍ରି ପ୍ରବନ୍ଧକ ସମ୍ମିଳନୀ




**କଟକ, ୧୧।୧(ସମିସ):** ଜୟଭାରତ ସ୍ପାଇସେସ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଭାରତ ମସଲା କମ୍ପାନୀ ପକ୍ଷରୁ ପୁରୀର ତାରକା ହୋଟେଲ ଏମ୍ପାୟାରଠାରେ ସର୍ବଭାରତୀୟ ବିକ୍ରି ପ୍ରବନ୍ଧକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮ ଟି ରାଜ୍ୟରୁ ଭାରତ ମସଲା କମ୍ପାନୀର ବ୍ୟବସାୟ ପରିଚାଳନା ପାଇଁ ଦାୟିତ୍ୱ ବହନ କରୁଥିବା ବିକ୍ରି ପ୍ରବନ୍ଧକ, ସହକାରୀ ବିକ୍ରୟ ପ୍ରବନ୍ଧକ, ଆଞ୍ଚଳିକ ବିକ୍ରି ପ୍ରବନ୍ଧକମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ସମାଜସେବୀ ପ୍ରଫୁଲ୍ଲ କୁମାର ସିଂହ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ବିଭିନ୍ନ ରାଜ୍ୟରୁ ଆସିଥିବା ବିକ୍ରୟ ପ୍ରବନ୍ଧକଙ୍କ ସହ ବଜାରରେ ରହୁଥିବା ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବିଶେଷ କରି ଭାରତ ମସଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣ, ମାନ ଓ ମୂଲ୍ୟରେ କିଛି ତ୍ରୁଟି ରହୁଛି କି ବୋଲି ପଚାରି ବୁଝିଥିଲେ। ଶ୍ରୀ ପଣ୍ଡା ପ୍ୟାକେଜ ଘୋଷଣା କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ମାର୍କେଟିଂ ଅଧିକାରୀମାନଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଭିପି ସୁନିଲ କୌଶିକ, ମହାପ୍ରବନ୍ଧକ ଅଶ୍ୱିନି କୁମାର ଦାସ, ମହାପ୍ରବନ୍ଧକ (ଅପରେସନ) ଅରୁଣ କୁମାର ନାୟକ, ମହାପ୍ରବନ୍ଧକ (ପ୍ରଡକସନ) ନବକୃଷ୍ଣ ପ୍ରଧାନ, ସର୍ବଭାରତୀୟ ପ୍ରବନ୍ଧକ ମୁଖ୍ୟ(କାର୍ଯ୍ୟାଳୟ) ନୈନିତା ନୀଳିମା ପ୍ରମୁଖ ଉପସ୍ଥିତ ଥିଲେ।

# ଖଣି କନ୍‌କ୍ଲେଭ୍‌ରେ ଯନ୍ତ୍ରୀ ସମ୍ମାନିତ



**ଭୁବନେଶ୍ୱର,୧୧।୧(ସମିସ):** ଖଣି ଯନ୍ତ୍ରୀ ଇଂ ବିଭୂତି ଭୂଷଣ ନାୟକ ବରମୁଣ୍ଡା ପଡିଆ ରେ ଅନୁଷ୍ଠିତ ୪ର୍ଥ ଓଡ଼ିଶା ଖଣି କନ୍‌କ୍ଲେଭ୍‌ରେ ସ୍ୱତନ୍ତ୍ର ଭାବେ ସମ୍ମାନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ରୂପେ ଯୋଗଦେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ନାଲ୍‌କୋର ପୂର୍ବତନ ସିଏମ୍‌ଡିଡ଼ ତପନ ଚାନ୍ଦ, ବିଜେପି ନେତା ଗୋଲକ ମହାପାତ୍ର, ଫ୍ୟୁଚର ମୁଖ୍ୟ, ଆୟୋଜକ ଗଣ ପ୍ରମୁଖ ଇଞ୍ଜିନିଅର ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆମଦାନୀ ହ୍ରାସ ପାଇଁ ବକ୍ସାଇଟ୍ ଖଣି ଖନନ ଜରୁରୀ

**ଭୁବନେଶ୍ୱର,୧୧।୧(ସମିସ):** ଭାରତ ଏହାର ଶିଳ୍ପ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ମୋଡରେ ଛିଡାହୋଇଛି। ସମ୍ପ୍ରତି ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ଭାବରେ ଉଭା ହୋଇ, ଜାପାନକୁ ପଛରେ ପକାଇ, ଦେଶର ଅଭିବୃଦ୍ଧି କାହାଣୀ ଘରୋଇ ଉତ୍ପାଦନ, ଭିତ୍ତିଭୂମି ସୃଷ୍ଟି ଉପରେ ନୂତନ ଧ୍ୟାନ ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏକ ସଚେତନ ପ୍ରୟାସ ଦ୍ୱାରା ପରିଚାଳିତ ହୋଇଛି। ଇଲେକ୍ଟ୍ରୋନିକ୍ସ ଠାରୁ ପ୍ରତିରକ୍ଷା ଏବଂ ନବୀକରଣୀୟ ଶକ୍ତି ପର୍ଯ୍ୟନ୍ତ, ସ୍ଥାନୀୟ ମୂଲ୍ୟ ଶୃଙ୍ଖଳା ଉପରେ ନୀତିଗତ ଗୁରୁତ୍ୱ ଲାଭାଂଶ ପ୍ରଦାନ କରିଛି। ତଥାପି, ଗୁରୁତ୍ୱପୂର୍ଣ୍ଣ କଂଚାମାଲ ଉପରେ ନିକଟରୁ ଦୃଷ୍ଟି ପକାଇଲେ ଏକ ଚିନ୍ତାଜନକ ବିରୋଧାଭାସ ଅନୁଭବ ହୁଏ। ଆଲୁମିନିୟମ ପାଇଁ ପ୍ରାଥମିକ ଖଣିଜ, ବିପୁଳ ବକ୍ସାଇଟ୍ ସଂରକ୍ଷଣ ରଖିବା ସତ୍ତ୍ୱେ, ଭାରତ ଦ୍ରୁତ ଗତିରେ ବିସ୍ତାରିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ଚଳାଇବା ପାଇଁ ଆମଦାନୀ ଉପରେ ନିର୍ଭରଶୀଳତାକୁ ଆହୁରି ଗଭୀର କରିଚାଲିଛି। ଏହି ବିରୋଧାଭାସ କେବଳ ବୈଦେଶିକ ମୁଦ୍ରାକୁ ନଷ୍ଟ କରେ ନାହିଁ ବରଂ ପ୍ରତିରକ୍ଷା, ବୈଦ୍ୟୁତିକ ଗତିଶୀଳତା, ନିର୍ମାଣ ଏବଂ ସ୍ୱଚ୍ଛ ଶକ୍ତି ଭଳି କ୍ଷେତ୍ରଗୁଡ଼ିକରେ ରଣନୈତିକ ସ୍ୱାୟତତାକୁ ମଧ୍ୟ ଦୁର୍ବଳ କରେ, ନିଯୁକ୍ତି ସୃଷ୍ଟି ଏବଂ ଆଂଚଳିକ ଅଭିବୃଦ୍ଧିକୁ ମଧ୍ୟ ସୀମିତ କରେ। ଓଡ଼ିଶା, ଝାଡ଼ଖଣ୍ଡ, ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ବିସ୍ତାରିତ, ପୂର୍ବ ବେଲ୍ଟ, ପ୍ରମୁଖ ବକ୍ସାଇଟ୍ ଉତ୍ପାଦନକାରୀ ରାଜ୍ୟ ଭାବରେ ଉଭା ହୋଇଛି।

# ସ୍ୱୟଂଶାସିତ ମାନ୍ୟତାରେ ଡ୍ରିମ୍ସ ପଲିଟେକ୍‌ନିକ୍ ରାଜ୍ୟରେ ପ୍ରଥମ

**ଭୁବନେଶ୍ୱର, ୧୧।୧(ସମିସ):** ଡ୍ରିମ୍ସ ପଲିଟେକନିକ୍ ସ୍ୱୟଂଶାସିତ ମାନ୍ୟତା ହାସଲ କରିଛି। ଏଭଳି ମାନ୍ୟତା ପାଇବାରେ ଡ୍ରିମ୍ସ ପଲିଟେକ୍‌ନିକ ହେଉଛି ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ। ଗୁଣାତ୍ମକ ଶିକ୍ଷା ଓ ଉନ୍ନତଭିତ୍ତିଭୂମି, ଶୈକ୍ଷିକ ପରିବେଶ ଓ ଅନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ଆଧାରରେ 'ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ' (ଏଆଇସିଟିଇ) ପକ୍ଷରୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏବେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ନିଜସ୍ୱ ପାଠ୍ୟକ୍ରମରେ ପଢିବେ, ଯାହାକି ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ସହିତ ବିକଶିତ ଭାରତ ନିର୍ମାଣରେ ବଡ ପଦକ୍ଷେପ ହେବ। ଆଉ ଏକ ଉଲ୍ଲେଖନୀୟ ସଫଳତା ସ୍ୱରୂପ ନିକଟରେ ଓଡିଶା ସରକାରଙ୍କ ଦକ୍ଷତା ବିକାଶ ବିଭାଗ ଦ୍ୱାରା ହୋଇଥିବା କ୍ୟୁସିଆଇ ର୍ୟାଙ୍କିଙ୍ଗ୍‌ରେ ଡ୍ରିମ୍ସ ପଲିଟେକନିକ୍ ରାଜ୍ୟର ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନଙ୍କ ମଧ୍ୟରେ ୨ୟ ସ୍ଥାନରେ ରହିଛି। ଏଥିପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବରେ ଏନ୍‌ବିଏ ସ୍ୱୀକୃତି ଏବଂ ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ପ୍ରି-ଇନ୍‌କ୍ୟୁବେସନ୍ ସେଣ୍ଟର ଭାବରେ 'ଥ୍ରୀ ଷ୍ଟାର' ମାନ୍ୟତା ହାସଲ କରିଛି। ଗ୍ରାମାଞ୍ଚଳ ଭିତ୍ତିଭୂମିରେ ଗଢି ଉଠିଥିବା ଏହି ଶିକ୍ଷାନୁଷ୍ଠାନର ଅନନ୍ୟ ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ରାଜ୍ୟ ଓ ଭାରତ ସରକାର, ଦକ୍ଷତା ବିକାଶ ବିଭାଗ ଏବଂ ଏଆଇସିଟିଇ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ସହିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ନିର୍ଦ୍ଦେଶକ, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଏହି ସଫଳ ପ୍ରୟାସ ନିମନ୍ତେ ଅଭିନନ୍ଦନ ଜଣାଇଛନ୍ତି।




### ଓଡ଼ିଶା ମାଇନିଂ ଏକ୍ସପୋ

# ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି'



**ଭୁବନେଶ୍ୱର, ୧୧।୧(ସମିସ):** ଓଡ଼ିଶାର ଭବିଷ୍ୟତ ସୁରକ୍ଷିତ ହାତରେ ଅଛି। ରାଜ୍ୟ ବର୍ତ୍ତମାନ ଦ୍ରୁତ ଓ ସମାବେଶୀ ଉନ୍ନତି ପାଇଁ ତୀବ୍ର ଗତିରେ ଆଗକୁ ବଢୁଛି। ଖଣି ଶିଳ୍ପ ଓଡ଼ିଶାର "ମଦର୍ ଇଣ୍ଡଷ୍ଟ୍ରି" ଭାବେ ଚାଲିଆସୁଥିବାରୁ ସରକାର ସ୍ଥାୟୀତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ଭଲିଭାବେ ପ୍ରୋତ୍ସାହନ ଦେଉଛନ୍ତି। ଏହି ଏକ୍ସପୋ ଖଣି ଓ ଭିତ୍ତଭୂମି ମାଧ୍ୟମରେ ରୋଜଗାର ସୃଷ୍ଟିର ଏକ ବଡ଼ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରୁଛି। ଗତ ୧୫ ମାସ ମଧ୍ୟରେ ଅନେକ ରେୟାର ଆର୍ଥ ଶିଳ୍ପ ସଂସ୍ଥା ଓଡ଼ିଶା ଆସିଥିବାରୁ ରାଜ୍ୟର ଶିଳ୍ପ ଭବିଷ୍ୟତ ପାଇଁ ଏହା ଏକ ସକାରାତ୍ମକ ସଙ୍କେତ ବୋଲି ବରମୁଣ୍ଡା ଗ୍ରାଉଣ୍ଡରେ ଆୟୋଜିତ ୪ ଦିନିଆ ୪ର୍ଥ ଓଡ଼ିଶା ମାଇନିଂ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଣ୍ଟରନ୍ୟାସନାଲ୍ ଏକ୍ସପୋର ଉଦ୍ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି।

ଏଥିରେ ଏକ୍ସପୋ ଆୟୋଜନ କମିଟି ଅଧ୍ୟକ୍ଷ ଡ଼. ତପନ କୁମାର ଚାନ୍ଦ କହିଲେ, ଏହି ଏକ୍ସପୋରେ ୩୦,୦୦୦ ବର୍ଗମିଟର ଅଞ୍ଚଳରେ ୨୫୦ରୁ ଅଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଇଆରଇଏର ସିଏମ୍‌ଡ଼ି ଶାରଦା ଭୂଷଣ ମହାନ୍ତି ଆଗାମୀ ସଂସ୍କରଣରୁ ଓଡ଼ିଶା ମାଇନିଂ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଣ୍ଟରନ୍ୟାସନାଲ୍ ଏକ୍ସପୋ ସହିତ ଏକ ଅଲଗା 'ରେୟାର ଆର୍ଥ ଶୋ' ଆୟୋଜନ କରାଯିବ ବୋଲି କହିଥିଲେ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାକୁ ରେୟାର ଆର୍ଥ ଶିଳ୍ପର ଏକ ମୁଖ୍ୟ କେନ୍ଦ୍ର ଭାବେ ଗଢ଼ିତୋଳିବା, ଯାହା ମାଧ୍ୟମରେ ନିବେଶ, ନବୋନ୍ମେଷ, ମୂଲ୍ୟ ବୃଦ୍ଧି ଓ ସସ୍ଥାୟୀ ଉନ୍ନତିକୁ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆଗକୁ ବଢ଼ାଇବା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେସିସିର ଏମ୍‌ଡି ଏସ.ଆର. ସାମଲ, ଶିଳ୍ପପତି ଶ୍ରୀ ଦୀପ୍ତି ରଞ୍ଜନ ପଟ୍ଟନାୟକ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଫ୍ୟୁଚରେକ୍ସ ଗ୍ରୁପ୍ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ,ଡାଇରେକ୍ଟର ନମିତ ଗୁପ୍ତା ଏବଂ ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅସ୍ଥିର ଅନ୍ତର୍ଜାତୀୟ ବଜାର

# ବର୍ଷ ଆରମ୍ଭରୁ ଧନୀ ତାଲିକାରେ ଖସିଲେ ଅମ୍ବାନୀ-ଆଦାନୀ



**ଅମ୍ବାନୀ ଶ୍ରେଷ୍ଠ ୧୦ ଧନୀ ତାଲିକାରୁ ବାଦ୍**

**୨୨ ହଜାର କୋଟି ମୂଲ୍ୟର ସମ୍ପତ୍ତି ହ୍ରାସ**

**ନୂଆଦିଲ୍ଲୀ, ୧୧।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବର୍ତ୍ତମାନର ବାଣିଜ୍ୟ ନୀତି ସମଗ୍ର ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଏଥିରେ ବିଶ୍ୱରେ ଧନୀମାନେ ପ୍ରଚୁର କ୍ଷତି ସହିଛନ୍ତି। ଏଥିରେ ବିଶ୍ୱ ଧନୀ ତାଲିକା ଏପଟସେପଟ ହୋଇଯାଇଛି। ସେହିପରି ବର୍ଷ ୨୦୨୬ ଅମ୍ବାନୀ ଏବଂ ଆଦାନୀଙ୍କ ପାଇଁ ଆରମ୍ଭରୁ ବଡ଼ କ୍ଷତି ଆଣିଛି। ବର୍ଷ ଆରମ୍ଭରୁ ଭାରତର ସବୁଠୁ ଦୁଇ ଧନୀଙ୍କ ସମ୍ପତ୍ତିରେ ବୃହତ୍ ହ୍ରାସ ଦେଖିବାକୁ ମିଳିଛି ।ଫଳସ୍ୱରୂପ ରିଲାଏନ୍ସ ଗ୍ରୁପ୍ ମୁଖ୍ୟ ମୁକେଶ ଅମ୍ବାନୀ ଏବଂ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ତାଲିକାରୁ ବାଦ୍ ପଡିଛନ୍ତି। ମୁକେଶ ବିଶ୍ୱ ଧନୀ ତାଲିକାରେ ୧୭ ନମ୍ବର ସ୍ଥାନକୁ ଖସିଥିବା ଜଣାପଡିଛି। ଏବେ ତାଙ୍କର ମୋଟ ସମ୍ପତ୍ତି ପରିମାଣ ୧୦୬ ବିଲିୟନ ଡଲାରକୁ ଖସିଆସିଛି।

ଜାନୁଆରୀ ୯ ସୁଦ୍ଧା ମୁକେଶଙ୍କ ସମ୍ପତ୍ତି ଭାରତୀୟ ମୁଦ୍ରାରେ ୯ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଥିବା ଜଣାପଡିଛି। କାରଣ ସେ ପ୍ରାୟ ୨.୫ ବିଲିୟନ ଡଲାରର କ୍ଷତି ସହିଛନ୍ତି, ଯାହାର ଭାରତୀୟ ମୁଲ୍ୟ ୨୨,୦୦୦ କୋଟି ଟଙ୍କାରୁ ଅଧିକ ହେବ। ଫୋର୍ବସ୍ ରିପୋର୍ଟ ଅନୁସାରେ, ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡର ସେୟାର ମୂଲ୍ୟରେ ଅହେତୁକ ହ୍ରାସ ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ ବଜାରରେ ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଲାଗି ରହିଥିବା ବିବାଦ କାରଣରୁ ସେୟାର ବଜାର ଅସ୍ଥିର ହୋଇ ପଡିଛି। ଯାହାର ପ୍ରଭାବ ମୁକେଶଙ୍କ ସମ୍ପତ୍ତି ଉପରେ ପଡିଛି। ଫଳରେ ରିଲାଏନ୍ସର ବଜାର ପୁଞ୍ଜି ୧ ଲକ୍ଷ କୋଟି ଟଙ୍କା କମିଯାଇ ୧୯.୮୯ ଲକ୍ଷ କୋଟିରେ ପହଁଞ୍ଚିଛି। ଋଷିଆର ତୈଳ ଜାହାଜକୁ ଜବତ କରିବା ଖବର ଆସିବା ପରେ ସେୟାର ଦାମ୍ ଅସ୍ୱାଭାବିକ ଭାବେ ହ୍ରାସ ପାଇଥିଲା। ଗୋଟିଏ ଦିନରେ ୫ ପ୍ରତିଶତ ଦାମ୍ କମିଯାଇଥିଲା। ତେବେ ଏହି ରିପୋର୍ଟକୁ କମ୍ପାନୀ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟ ଦିଗରେ ଆଦାନୀ ଗ୍ରୁପର ମୁଖ୍ୟ ଗୌତମ ଅଦାନୀ ମଧ୍ୟ ଭୟଙ୍କର କ୍ଷତି ସହିଛନ୍ତି। ଫୋର୍ବସ ରିପୋର୍ଟ ଅନୁସାରେ, ତାଙ୍କର ୨୪୭୭୫୫୧୨୦୦ କୋଟି ଟଙ୍କା କ୍ଷତି ହୋଇଛି। କ୍ଷତି ସହିବା ପରେ ତାଙ୍କ ସମ୍ପତ୍ତି ୬୪ ବିଲିୟନ ଡଲାରରେ ପହଁଞ୍ଚିଛି । ତେଣୁ ସେ ବିଶ୍ୱର ଧନୀ ତାଲିକାରେ ୨୮ ନମ୍ବର ସ୍ଥାନକୁ ଖସି ଆସିଛନ୍ତି। କୁହାଯାଉଛି ଯେ, ଅଦାନୀ ଗ୍ରୁପ୍ ବ୍ରାଜିଲର ଏରୋସ୍ପେସ୍ କମ୍ପାନୀ ଏମ୍ବ୍ରାଏର୍ ସହ ଡିଲ୍ କରିଥିଲା। ଡିଲ୍ ଅନୁସାରେ ଆଦାନୀ ଗ୍ରୁପ୍ ଭାରତରେ ବିମାନ ତିଆରି କରିବ। ଏନେଇ ଖୁବ୍ ଶୀଘ୍ର ଆନୁଷ୍ଠାନିକ ଘୋଷଣା କରାଯିବ। ଏହାପରେ କମ୍ପାନୀର ସେୟାର ଦାମ୍ ହ୍ରାସ ହୋଇଥିଲା। ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା କାରଣରୁ ତାଙ୍କର ସେୟାର ଦାମ୍ ଖସିଥିବା ବିଶେଷଜ୍ଞ କହୁଛନ୍ତି।

